# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 23 December – 2025

*******************************

## ମୁଖ୍ୟ ସମ୍ବାଦ

- ମହାନଦୀ ଜଳବିବାଦ ନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ପ୍ରଥମ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ
- ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ କରିବା ପାଇଁ ୧୫୦ଟି ୧୦୮ ଆମ୍ବୁଲାନ୍ସ ସେବାର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ
- ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଉପସ୍ଥିତିରେ ମାଲକାନଗିରିରେ ୨୨ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ
- ଦେଶ ବିକାଶରେ ଅନ୍ନଦାତାଙ୍କ ଅବଦାନୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଆଜି ପାଳନ କରାଯାଉଛି ଜାତୀୟ କୃଷକ ଦିବସ

ଏବଂ

- ବଲାଙ୍ଗୀର ପ୍ରସିଦ୍ଧ ସୁଲିଆ ଯାତ୍ରା ସମ୍ପନ୍ନ; ଆସନ୍ତାକାଲିଠାରୁ ଆରମ୍ଭ ହେବ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା

BBSR/R

# ମହାନଦୀ ଜଳବିବାଦ ବୈଠକ

ମହାନଦୀ ଜଳବିବାଦ ନେଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆଜି ଭୁବନେଶ୍ୱରଠାରେ ପ୍ରଥମ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚସ୍ତରୀୟ କମିଟିରେ ସମସ୍ତ ଦଳୀୟ ସଦସ୍ୟ ଉପସ୍ଥିତ ରହି ଓଡ଼ିଶା–ଛତିଶଗଡ଼ ମଧ୍ୟରେ ଲାଗିଥିବା ଜଳ ବିବାଦର ବିଭିନ୍ନ ଦିଗ ସମ୍ପର୍କରେ ବିଚାରବିମର୍ଶ କରୁଛନ୍ତି । ଜଳ ବିବାଦ ସମ୍ବନ୍ଧୀୟ ସମସ୍ତ ପ୍ରାସଙ୍ଗିକ ଦିଗକୁ କମିଟି ତର୍ଜମା କରିବା ସହ ରାଜ୍ୟର ବୈଷୟିକ ଏବଂ ପ୍ରଶାସନିକସ୍ତରରେ ଚାଲୁଥିବା ପ୍ରୟାସଗୁଡ଼ିକୁ ଆବଶ୍ୟକୀୟ ନୀତିଗତ ଦିଗ୍‌ଦର୍ଶନ ପ୍ରଦାନ କରିବ ବୋଲି ଜଣାପଡ଼ିଛି । ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲରେ ଚାଲୁଥିବା ଆଲୋଚନା ଓ ପ୍ରକ୍ରିୟାଗୁଡ଼ିକୁ ଦୃଷ୍ଟିରେ ରଖି ଏହି କମିଟି ସରକାରଙ୍କୁ ଆବଶ୍ୟକୀୟ ପରାମର୍ଶ ଦେବେ । ବୈଠକରେ କମିଟିର ସଦସ୍ୟ ମନ୍ତ୍ରୀ ସୁରେଶ ପୂଜାରୀ, ପୃଥ୍ୱୀରାଜ ହରିଚନ୍ଦନ, ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ନିରଞ୍ଜନ ପୂଜାରୀ, ସୋଫିଆ ଫିର୍ଦ୍ଦୋଷ, ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

BBSR/R

# ଆମ୍ବୁଲାନ୍ସ ଲୋକାର୍ପଣ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ପ୍ରଥମ ପର୍ଯ୍ୟାୟରେ ୧୫୦ଟି ୧୦୮ ଆମ୍ବୁଲାନ୍ସ ସେବାର ଲୋକାର୍ପଣ କରିଛନ୍ତି। ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ କରିବା ପାଇଁ ୧୧୧ କୋଟି ଟଙ୍କା ବ୍ୟୟରେ ପର୍ଯ୍ୟାୟକ୍ରମେ ୪୨୮ଟି ଆମ୍ବୁଲାନ୍ସର ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ମାଝୀ କହିଛନ୍ତି । ଖୁବ୍‌ଶୀଘ୍ର ବିମାନ ବନ୍ଦରରେ ବ୍ୟବହାର ପାଇଁ ୫ଟି ଏ.ଏଲ୍.ଏସ୍ ଆମ୍ବୁଲାନ୍ସ ଏବଂ ଝାରସୁଗୁଡ଼ା କାଡ଼ିଆକ୍ କେୟାର ହସ୍ପିଟାଲ ପାଇଁ ଦୁଇଟି ଏ.ଏଲ୍.ଏସ୍. ଆମ୍ବୁଲାନ୍ସ ବ୍ୟବହାର କରାଯିବ। ରାଜ୍ୟରେ ଦୈନିକ ୫ ହଜାର ରୋଗୀଙ୍କୁ ୧୦୮ ଆମ୍ବୁଲାନ୍ସ ଜରିଆରେ ବିଭିନ୍ନ ହସ୍ପିଟାଲକୁ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ବାବୁ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

Malkangiri

## ମାଓବାଦୀ ଆତ୍ମସମର୍ପଣ

ମାଲକାନଗିରି ଜିଲ୍ଲା ପୁଲିସ କାର୍ଯ୍ୟାଳୟ ପରିସରରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ–ଡିଜିପି ଯୋଗେଶ ବାହାଦୂର ଖୁରାନିଆଙ୍କ ଉପସ୍ଥିତିରେ ୨୨ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏଥିରେ ଜଣେ ଡିଭିଜ୍‌ନାଲ କମିଟି ସଦସ୍ୟ, ୬ ଜଣ ଏରିଆ କମିଟି ସଦସ୍ୟ ଓ ୧୫ ଜଣ ପାର୍ଟି ସଦସ୍ୟ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସୂଚନା ଦେଇ ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି...

**- V/O -**

ପୁନର୍ବାସ ଓ ଥଇଥାନ ନୀତି ଅନୁଯାୟୀ, ସମସ୍ତ ଆତ୍ମସର୍ମପଣକାରୀଙ୍କୁ ୧ କୋଟି ୮୪ ଲକ୍ଷ ୨୫ ହଜାର ଟଙ୍କା ପ୍ରଦାନ କରାଯିବ। ଏଥିସହ ରାଜ୍ୟ ସରକାରଙ୍କ ଅନ୍ତୋଦୟ ଯୋଜନାରେ ବାସଗୃହ, ବିବାହ ପ୍ରୋତ୍ସାହନ ରାଶି ୨୫ ହଜାର, ୩୬ ମାସ ପର୍ଯ୍ୟନ୍ତ ୧୦ ହଜାର ଟଙ୍କା ଲେଖାଏଁ ବୃତ୍ତି ସହାୟତା, ରାସନ ଓ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନକ୍ସଲ ବିରୋଧୀ ଅଭିଯାନର ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଜିଲ୍ଲାପାଳ ଓ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

Desk

## ଓବିସି ତାଲିକା

ଓଡ଼ିଶାର ୧୦୮ଟି ଆର୍ଥିକ ସାମାଜିକ କ୍ଷେତ୍ରରେ ପଛୁଆବର୍ଗ– ଏସ୍.ଇ.ବି.ସି.କୁ କେନ୍ଦ୍ରୀୟ ଅନ୍ୟାନ୍ୟ ପଛୁଆବର୍ଗ– ଓ.ବି.ସି. ତାଲିକାରେ ସାମିଲ କରିବା ପାଇଁ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ବୀରେନ୍ଦ୍ର କୁମାରଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖି ଅନୁରୋଧ କରିଛନ୍ତି। ଏହି ସମ୍ପ୍ରଦାୟଗୁଡ଼ିକ ରାଜ୍ୟ ସରକାରଙ୍କ ଏସ୍.ଇ.ବି.ସି. ତାଲିକାରେ ମାନ୍ୟତା ପାଇଥିଲେ ମଧ୍ୟ କେନ୍ଦ୍ରୀୟ ଓ.ବି.ସି. ତାଲିକାରେ ସ୍ଥାନ ପାଇନାହାଁନ୍ତି। ଏ ନେଇ ଏହି ବର୍ଗର ଲୋକମାନେ କେନ୍ଦ୍ର ସରକାରଙ୍କ ଚାକିରୀ, ଶିକ୍ଷାନୁଷ୍ଠାନରେ ନାମଲେଖା ତଥା ବିଭିନ୍ନ ଜନକଲ୍ୟାଣୀ ଯୋଜନାର ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହି ବର୍ଗର ଲୋକମାନଙ୍କୁ କେନ୍ଦ୍ରୀୟ ତାଲିକାରେ ଅନ୍ତର୍ଭୁକ୍ତ କରାଗଲେ ସେମାନଙ୍କୁ ସମାନ ଭାବେ

ସର୍ବଭାରତୀୟ ସ୍ତରରେ ସ୍ଥାନ ସଂରକ୍ଷଣ, କଲ୍ୟାଣକାରୀ ଯୋଜନାର ସୁବିଧା ଓ ଆର୍ଥିକ ଶିକ୍ଷାଗତ ଅଭିବୃଦ୍ଧିରେ ସହାୟକ ହୋଇପାରିବ ବୋଲି ଶ୍ରୀ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି ।

Desk

## ଧାନମଣ୍ଡି- ବୈଠକ

ରାଜ୍ୟରେ ଧାନମଣ୍ଡି ଅବ୍ୟବସ୍ଥାକୁ ନେଇ ଆଜି ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ । ବୈଠକରେ ଧାନ ଉଠାଣ ସମସ୍ୟା ଏବଂ ସମାଧାନ ନେଇ ବିସ୍ତୃତ ଆଲୋଚନା କରାଯିବ । ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ରହିବେ ।  ବର୍ତ୍ତମାନ ସୁଦ୍ଧା ୮୫ ହଜାର ୧୮୩ ଜଣ ଚାଷୀଙ୍କଠାରୁ ୩ ଲକ୍ଷ ୮୫ ହଜାର ୪୦୫ ଟନ୍ ଧାନ ସଂଗ୍ରହ କରାଯାଇଛି ।

Desk

## କୃଷକ ଦିବସ

ଦେଶ ବିକାଶରେ କୃଷକଙ୍କ ଅବଦାନକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଆଜି ସମଗ୍ର ଦେଶରେ ଜାତୀୟ କୃଷକ ଦିବସ ପାଳନ କରାଯାଉଛି । ଦେଶରେ କୃଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି ସରକାର ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନତି ତଥା ସ୍ଥାୟୀ କୃଷି ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଅନେକ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି ।

ଏହି ପଦକ୍ଷେପ ଗୁଡ଼ିକ ମଧ୍ୟରେ ପ୍ରଧାନମନ୍ତ୍ରୀ କିଶାନ ସମ୍ମାନନିଧି, ପ୍ରଧାନମବୀ ଫସଲ ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ କିଶାନ ମାନ-ଧନ ଯୋଜନା ଆଦି ଅନ୍ତର୍ଭୁକ୍ତ । ଏଥିରେ କୃଷକଙ୍କର ଆର୍ଥିକ ସୁରକ୍ଷା, କୃଷି କ୍ଷେତ୍ରରେ ଥିବା ଆହ୍ୱାନ ଗୁଡ଼ିକର ମୁକାବିଲା ଏବଂ ଦୀର୍ଘମିଆଦି ସାମାଜିକ ସୁରକ୍ଷା ପ୍ରଦାନର ବ୍ୟବସ୍ଥା ରହିଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦିବସରେ ଅନ୍ନଦାତା ଭାଇ-ଭଉଣୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ସମସ୍ତଙ୍କୁ ଖାଦ୍ୟ ଯୋଗାଇ କ୍ଷୁଧାମୁକ୍ତ ସମାଜ ଗଠନରେ କୃଷକମାନଙ୍କ ନିରନ୍ତର ପରିଶ୍ରମ ଓ ଅବଦାନ ଅତୁଳନୀୟ। କୃଷକମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ସର୍ବଦା ପ୍ରାଥମିକତା ଦେଇ ଆସୁଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଦିବସରେ କହିଛନ୍ତି, ଦେଶର ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ନୂଆ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ସହ ବଜାର ସଂଯୋଗୀକରଣ ଏବଂ ଆଧୁନିକ ପ୍ରୟାସ ବଳରେ କୃଷି କ୍ଷେତ୍ର ସମୃଦ୍ଧ ହେଲେ ବିକଶିତ ଓଡ଼ିଶା ଓ ବିକଶିତ ଭାରତର ସ୍ୱପ୍ନ ପୂରଣ ହୋଇପାରିବ।

HS

# କିଷାନ ସମ୍ମାନ ଦିବସ

ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ କୃଷି ମହିଳା ସଂସ୍ଥାନରେ ଆଜି କିଷାନ ସମ୍ମାନ ଦିବସ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ମହିଳା ଚାଷୀମାନେ ଅଂଶଗ୍ରହଣ କରିଥିଲେ । ମହିଳା ଚାଷୀମାନେ କୃଷିରୁ କିଭଳି ଅଧିକ ରୋଜଗାର କରିପାରିବେ ସେ ନେଇ ଆଲୋଚନା ହୋଇଥିଲା ।

Desk

## ଉପମୁଖ୍ୟମନ୍ତ୍ରୀ–ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଡାହାଣୀ ସନ୍ଦେହରେ ନିର୍ଯାତନା ଓ ବାଲ୍ୟବିବାହ ନିବାରଣ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କର୍ମଶାଳାରେ ଯୋଗଦେଇ ବାଲ୍ୟବିବାହ ରୋକିବା ନିମନ୍ତେ ଓ ଅନ୍ଧବିଶ୍ୱାସ ଦୂର କରିବା ପାଇଁ ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ଆଇନ ସମ୍ପର୍କରେ ଆଲୋଚନା କରିଥିଲେ । ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନେ ଲକ୍ଷପତି ଦିଦି ହେବା ସହ ଜାତୀୟସ୍ତରରେ ପ୍ରଶଂସା ପାଉଁଛନ୍ତି । ଅନ୍ଧବିଶ୍ୱାସ ବିରୁଦ୍ଧରେ ଜନସଚେତନତା ସୃଷ୍ଟି ଦିଗରେ ମହିଳାମାନେ ଆଗଧାଡ଼ିର ଯୋଦ୍ଧା ହେବା ପାଇଁ ଶ୍ରୀମତୀ ପରିଡ଼ା ଏହି ଅବସରରେ ଆହ୍ୱାନ ଦେଇଛନ୍ତି ।

Nabarnagpur

## ଜୟନ୍ତୀ ଉତ୍ସବ

ନୂଆଦିଲ୍ଲୀସ୍ଥିତ ସଂସଦ ଭବନରେ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ଏବଂ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ସ୍ୱାଧୀନତା ସଂଗ୍ରାମୀ ମଦନମୋହନ ମାଲବ୍ୟଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ପାଳନ କରାଯିବ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର ମାଝୀ ଧନୁଆ ଉନ୍ନୀତ ଉଚ୍ଚବିଦ୍ୟାଳୟର ଛାତ୍ର ବସନ୍ତ ଜଣ୍ଡାଳ  ମନୋନୀତ ହୋଇଛନ୍ତି। ସମଗ୍ର ଭାରତରୁ ଏହି କାର୍ଯ୍ୟକ୍ରମକୁ ୩୬ ଜଣ ମନୋନୀତ ହୋଇଥିବା ବେଳେ ଓଡ଼ିଶାରୁ ବସନ୍ତଙ୍କ ସମେତ ଦୁଇ ଜଣ ଛାତ୍ର ମନୋନୀତ ହୋଇଛନ୍ତି।

Nayagarh

## ଗାଓଁ କି ଔର ଅଭିଯାନ

ନୟାଗଡ଼ ଜିଲ୍ଲା ଦଶପଲ୍ଲା ତହସିଲରେ 'ଗାଓଁ କି ଔର୍'  ଅଭିଯାନ ଆରମ୍ଭ ହୋଇଛି। ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକଙ୍କ ସମେତ ତହସିଲ କର୍ମଚାରୀମାନେ ଗୁଣ୍ଡୁରୀବାରି ଓ ଜାନିପଦର ଗ୍ରାମକୁ ଯାଇ ଅଞ୍ଚଳବାସୀଙ୍କ ଅଭିଯୋଗ ଶୁଣିଥିଲେ।

Nayagarh

## ନୀଳମାଧବ କ୍ଷେତ୍ର ବିକାଶ

ନୟାଗଡ଼ ଜିଲ୍ଲାର କଣ୍ଟିଲୋ ନୀଳମାଧବ କ୍ଷେତ୍ରର ବିକାଶ ପ୍ରକଳ୍ପ କାର୍ଯ୍ୟକୁ ନିର୍ମାଣ ବିଭାଗ ସଚିବ ସଞ୍ଜୟ କୁମାର ସିଂହ ଓ ଜିଲ୍ଲାପାଳ ଅକ୍ଷୟ

ସୁନୀଲ ଅଗ୍ରୱାଲ ସମୀକ୍ଷା କରିଛନ୍ତି। ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ସେତୁ ନିର୍ମାଣ ନିଗମ କର୍ତ୍ତୃପକ୍ଷ ଏବଂ ପ୍ରକଳ୍ପ ନିର୍ମାଣ କମ୍ପାନୀ କର୍ମଚାରୀଙ୍କ ସହ ପୀଠର ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

Balangir

## ସୁଲିଆ ଯାତ୍ରା

ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ଖଇରଗୁଡ଼ା ବଡ଼ଖଲା ଓ କୁମୁରିଆ ସାନଖଲା ସୁଲିଆପୀଠରେ ଆଦିବାସୀଙ୍କ ପ୍ରସିଦ୍ଧ ସୁଲିଆ ଯାତ୍ରା ପାଳିତ ହୋଇଯାଇଛି। ପରମ୍ପରା, ବିଶ୍ୱାସ ଓ ଆଦିବାସୀ ସଂସ୍କୃତି ଅନୁଯାୟୀ, ପ୍ରତିବର୍ଷ ପୌଷମାସ ଶୁକ୍ଳପକ୍ଷ ପ୍ରଥମ ମଙ୍ଗଳବାରରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ସୁଲିଆ ବୁଢ଼ାଙ୍କୁ ପଶୁ, ପକ୍ଷୀ, ନଡ଼ିଆ, କଦଳୀ ଆଦି ଭୋଗ ଅର୍ପଣ କରାଯାଇଥାଏ। ପୂର୍ବ ଦିନ ରାତିରେ ନିଶି ପୂଜା ଅନୁଷ୍ଠିତ ହୋଇଥିଲା। ଆଜି ଭୋର୍‌ରୁ କୁମୁରିଆ ଗାଁସ୍ଥିତ ସୁଲିଆଗୁଡ଼ିରେ ଦେହେରି ଓ ବରୁଆମାନେ ପୂଜାର୍ଚ୍ଚନା କଲା ପରେ ଶୋଭାଯାତ୍ରା ସୁଲିଆପୀଠ ବଡ଼ଖଲାରେ ପହଁଞ୍ଚିଥିଲା। ଯାତ୍ରା ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

Baragarh

## ଧନୁଯାତ୍ରା

ବିଶ୍ୱ ପ୍ରସିଦ୍ଧ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏ ନେଇ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି।

ଧନୁଯାତ୍ରା ସମ୍ପର୍କରେ ଶୁଣନ୍ତୁ ଆମ ବରଗଡ଼ ସମ୍ବାଦଦାତାଙ୍କ ସ୍ୱତନ୍ତ୍ର ରିପୋର୍ଟ...

**- V/O -**